**Publication:** Sarbasadharan
**Date:** 27/08/2016
**Edition:** Bhubaneswar
**Page No:** 13
**Headline:** TCS IT Wiz

# ଟିସିଏସ୍‌ର ଆଇଟି ୱିଜ୍

ଭୁବନେଶ୍ୱର, (ବ୍ୟୁରୋ): ପ୍ରମୁଖ ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ପ୍ରତିଷ୍ଠାନ, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ଦ୍ୱାରା ଆୟୋଜିତ ଭାରତର ସର୍ବବୃହତ ଆନ୍ତଃବିଦ୍ୟାଳୟ କ୍ୱିଜ୍, ଟିସିଏସ୍ ଆଇଟି ୱିଜ୍‌ର ଭୁବନେଶ୍ୱର ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଜୟଦେବ ବିହାର ସ୍ଥିତ ପାଲ୍ ହାଇଟ୍‌ସରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଷ୍ଟମରୁ ଦ୍ୱାଦଶ ମଧ୍ୟରେ ପଢୁଥିବା ସବୁ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଟିସିଏସ୍ ଆଇଟି ୱିଜ୍ ଖୋଲା ରହିଥିଲା। ଏଥିପାଇଁ କୌଣସି ପ୍ରବେଶ ଫି' ଦେବାକୁ ପଡ଼ିନଥିଲା। ସାରା ବିଶ୍ୱରେ ଟେକ୍ନୋଲୋଜି ଟ୍ରେଣ୍ଡ୍ ନେଇ ସୁଯୋଗକୁ ପ୍ରଦର୍ଶନ କରିବା କ୍ୱିଜ୍ ପ୍ଲାଟ୍‌ଫର୍ମର ମୂଳ ଉଦ୍ଦେଶ୍ୟ ରହିଥିବା ଟିସିଏସ୍ ପକ୍ଷରୁ ପ୍ରକାଶ କରାଯାଇଛି। ଏହି କ୍ୱିଜ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ଏଭଳି ଟେକ୍ନୋଲୋଜିକୁ ବୁଝିବା ସହ ଭବିଷ୍ୟତରେ ଲାଭାନ୍ୱିତ ହେବେ ବୋଲି ସଂସ୍ଥା ପ୍ରକାଶ କରିଛି। ଲିଖିତ ପ୍ରାଥମିକ ରାଉଣ୍ଡର ଟପ୍ ୬ଟି ଟିମ୍ ଆଞ୍ଚଳିକ ଫାଇନାଲ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଆଞ୍ଚଳିକ ଫାଇନାଲ୍‌ରେ ୫ ରାଉଣ୍ଡ କ୍ୱିଜ୍ ଅନୁଷ୍ଠିତ ହେବା ପରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅକ୍ଷତ ପ୍ରନୀତ୍ ଏବଂ ସଞ୍ଚୀତି ପଣ୍ଡା ବିଜେତା ଘୋଷିତ ହୋଇଛନ୍ତି। ଚଳିତ ବର୍ଷର ଆଞ୍ଚଳିକ ଚାମ୍ପିଅନ୍ ବିଜେତା ଭାବେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପାଇଥିବା ବେଳେ ଡିଏଭି, ୟୁନିଟ୍-୮ ସ୍କୁଲ୍‌ର ଶିବପ୍ରସାଦ ରେଡ୍ଡୀ ଏବଂ ସ୍ୱନ୍ଦନ ଦାଶ ରନର୍ସ ଅପ୍ ଭାବେ ପ୍ରତ୍ୟେକ ଆଇପ୍ୟାଡ୍ ମିନି ସମେତ ଟ୍ରଫି ଓ ମେଡାଲ ପାଇଛନ୍ତି। ଲିଖିତ ପ୍ରିଲିମ୍‌ନାରୀ ରାଉଣ୍ଡ ପରେ ଆଂଚଳିକ ଫାଇନାଲ୍‌ରେ ପ୍ରବେଶ କରିଥିବା ୬ ଫାଇନାଲିଷ୍ଟଙ୍କୁ ଟିସିଏସ୍ ପକ୍ଷରୁ ସ୍ୱେଗ୍ ପ୍ୟାକ୍, ସେଲ୍‌ଫି ଷ୍ଟିକ୍, ଇଅରଫୋନ୍, ବ୍ଲୁଟୁଥ୍, ସ୍ପିକର୍ ଓ ପେନ୍ ଡ୍ରାଇଭ୍ ଭଳି ବହୁ ପୁରସ୍କାର ମିଳିଛି। ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଫାଇନାଲ୍‌ରେ ପ୍ରତିଯୋଗିତା କରିବାକୁ ବିଜୟୀ ଟିମ୍ ସହ ଜଣେ ଶିକ୍ଷକ/ପିତାମାତା ମୁମ୍ବାଇ ଯିବେ।